# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**16 July– 2026**

## ରଥଯାତ୍ରା

ଆଷାଢ଼ ଶୁକ୍ଳ ପକ୍ଷ ଦ୍ୱିତୀୟା ତିଥିରେ ଆଜି ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା ଅନୁଷ୍ଠିତ ହେଉଛି । ମହାପ୍ରଭୁଙ୍କୁ ଦେଖିବା ପାଇଁ ରଥ, ପଥ ଓ ଭକ୍ତ ପ୍ରସ୍ତୁତ ଅଛନ୍ତି । ଚତୁର୍ଦ୍ଧାମୂର୍ତ୍ତି ରଥାରୂଢ଼ ହୋଇ ଶ୍ରଦ୍ଧାଳୁଙ୍କ ଦର୍ଶନ ଦେବା ସହ ଆଡ଼ପ ମଣ୍ଡପକୁ ରଥଯାତ୍ରାରେ ବାହାରିବେ । ଏଥିପାଇଁ ଶ୍ରୀକ୍ଷେତ୍ରରେ ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଛି । ରଥଟଣା କାର୍ଯ୍ୟ ଓ ଆନୁଷଙ୍ଗିକ ରୀତିନୀତିକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବା ଲାଗି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି ।

ଗତକାଲି ଆଜ୍ଞାମାଳ ବିଜେ ହେବା ପରେ ରଥଖଳାରୁ ତିନିରଥକୁ ସିଂହଦ୍ୱାର ସମ୍ମୁଖକୁ ଅଣାଯାଇଥିଲା ।

ଆଜି ସକାଳୁ ମଙ୍ଗଳ ଆଳତି, ମଇଲମ, ତଡ଼ପ ଲାଗି, ରୋଷ ହୋମ, ଅବକାଶ, ସୂର୍ଯ୍ୟପୂଜା ଆଦି ଦୈନନ୍ଦିନ ନୀତି ପରେ ମହାପ୍ରଭୁଙ୍କ ବେଶ ଅନୁଷ୍ଠିତ ହେବ । ସକାଳ ୯ଟାରେ ରଥପ୍ରତିଷ୍ଠା, ସାଢ଼େ୯ଟାରୁ ସାଢ଼େ ୧୨ଟା ପର୍ଯ୍ୟନ୍ତ ପହଣ୍ଡି, ମଧ୍ୟାହ୍ନ ୨ଟାରୁ ୩ଟା ମଧ୍ୟରେ ଛେରାପହଁରା ପରେ ଅପରାହ୍ନ ୪ଟାରୁ ରଥଟଣା ଆରମ୍ଭ ହେବ।

ବିଶ୍ୱ କଲ୍ୟାଣ ପାଇଁ ବର୍ଷକରେ ଥରେ ନବଦିନାତ୍ମକ ଯାତ୍ରା କରୁଥିବା ମହାପ୍ରଭୁ ଶ୍ରୀଜଗନ୍ନାଥ' ବଡ଼ଭାଇ ବଳଭଦ୍ର, ଭଉଣୀ ସୁଭଦ୍ରା' ଶ୍ରୀ ସୁଦର୍ଶନଙ୍କୁ

ସାଥିରେ ଧରି ଶ୍ରୀଗୁଣ୍ଡିଚା ମନ୍ଦିରକୁ ଯିବାର ପରମ୍ପରା ଓ ରୀତିନୀତିରେ ମାନବୀୟ ଲୀଳାର ପ୍ରତିଫଳନ ଦେଖିବାକୁ ମିଳିଥାଏ।

ରଥଯାତ୍ରା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ରାଜ୍ୟର ପ୍ରାୟ ସମସ୍ତ ଅଞ୍ଚଳ ଏବଂ ପଡ଼ୋଶୀ ରାଜ୍ୟକୁ ସଂଯୋଗ କରୁଥିବା ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରୁଛି ।

# ରଥଯାତ୍ରା-ଟ୍ରାଫିକ୍

ନୟାଗଡ଼ ଜିଲ୍ଲାର ୪ଟି ସ୍ଥାନ ନୟାଗଡ଼, ରଣପୁର, ଦଶପଲ୍ଲା ଓ ଖଣ୍ଡପଡ଼ାରେ ରଥଯାତ୍ରା ନେଇ ସ୍ୱତନ୍ତ୍ର ଟ୍ରାଫିକ୍ କଟକଣା ଜାରି କରାଯାଇଛି । ରଥଯାତ୍ରା ସମୟରେ ସହର ମଧ୍ୟକୁ ପ୍ରବେଶ ନ କରି ବିକଳ୍ପ ରାସ୍ତା ବ୍ୟବହାର କରିବା ଲାଗି ପୋଲିସ୍ ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି ।

ନବରଙ୍ଗପୁରରେ ଶ୍ରୀଗୁଣ୍ଡିଚା ଯାତ୍ରା ପାଇଁ ପ୍ରସ୍ତୁତି କାର୍ଯ୍ୟ ଶେଷ ହୋଇଛି । ୧୫୩ ବର୍ଷ ଧରି ପୂଜା ପାଉଥିବା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ପାଇଁ ସୁସଜ୍ଜିତ ରଥ ପ୍ରସ୍ତୁତ ରହିଛି ।

# ସୁରକ୍ଷିତ ପର୍ଯ୍ୟଟକ ଅଭିଯାନ

ପର୍ଯ୍ୟଟକଙ୍କ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ପାଇଁ ପୁରୀଠାରେ ସୁରକ୍ଷିତ ପର୍ଯ୍ୟଟକ ଅଭିଯାନର ଶୁଭାରମ୍ଭ କରାଯାଇଛି । କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ବୃତ୍ତିଗତ ଭାବେ ତାଲିମପ୍ରାପ୍ତ ଲାଇଫ୍ ଗାର୍ଡ ମାନଙ୍କୁ ସରକାରୀ ଲାଇସେନ୍ସ ପ୍ରଦାନ କରିଛନ୍ତି । ଏହା ସହ

ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ଓ ଉଦ୍ଧାରକାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଆଧୁନିକ ବେଳାଭୂମି ସୁରକ୍ଷା ଏବଂ ଉଦ୍ଧାର ଉପକରଣଗୁଡ଼ିକର ଉଦ୍‌ଘାଟନ କରିଛନ୍ତି । ପ୍ରତ୍ୟେକ ପର୍ଯ୍ୟଟକଙ୍କ ସୁରକ୍ଷା ସୁନିଶ୍ଚିତ କରିବା ସରକାରଙ୍କର ସର୍ବୋଚ୍ଚ ପ୍ରାଥମିକତା ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି ।

## ମୁଖ୍ୟ ଶାସନ ସଚିବ-ସମୀକ୍ଷା ବୈଠକ

ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱର ଖାରବେଳ ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ସଚିବସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଚଳିତମାସର ୧୫ ଦିନ ମଧ୍ୟରେ ହୋଇଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଗୁଡ଼ିକର ସମୀକ୍ଷା କରାଯାଇଛି । ଗ୍ରୀନ୍‌ଫିଲ୍ଡ ଆଲୁମିନିୟମ ପ୍ରକଳ୍ପ ପାଇଁ ଚୁକ୍ତି ସ୍ୱାକ୍ଷର, ପୂର୍ବ କ୍ଷେତ୍ରୀୟ ପରିଷଦ ବୈଠକ, ଓଡ଼ିଶା ଗଭୀର ସାମୁଦ୍ରିକ ମିଶନ କାର୍ଯ୍ୟକ୍ରମ ଏବଂ ରାଜ୍ୟ ପୋଲିସ୍‌କୁ ବିଶେଷ ସମ୍ମାନ ଆଦି ବିଷୟଗୁଡ଼ିକ ଉପରେ ବୈଠକରେ ଆଲୋଚନା କରାଯାଇଥିଲା । ଏହି ଅବସରରେ ଆଜି ରଥଯାତ୍ରାଠାରୁ ନିଳାଦ୍ରୀବିଜେ ପର୍ଯ୍ୟନ୍ତ ସୁପରିଚାଳନା ଲାଗି ସର୍ବୋତ୍ତମ ସେବା ଯୋଗାଇଦେବାକୁ ସଚିବମାନଙ୍କୁ ମୁଖ୍ୟଶାସନ ସଚିବ ଶ୍ରୀମତୀ ଗର୍ଗ ନିର୍ଦ୍ଦେଶ ଦେଇଛନ୍ତି ।

## ବାଘ ସଂଖ୍ୟା

ମୟୂରଭଞ୍ଜସ୍ଥିତ ଶିମିଳିପାଳ ଜାତୀୟ ଅଭୟାରଣ୍ୟରେ ମହାବଳ ବାଘଙ୍କ ସଂଖ୍ୟା ୩୫କୁ ବୃଦ୍ଧି ପାଇଥିବା ବନ ବିଭାଗର କ୍ୟାମେରା ଟ୍ରାପ୍

ସର୍ବେକ୍ଷଣରୁ ଜଣାପଡ଼ିଛି । ଡିସେମ୍ବର ୨୦୨୪ରୁ ଜାନୁଆରୀ ୨୦୨୫ ମଧ୍ୟରେ ହୋଇଥିବା ସର୍ବେକ୍ଷଣରେ ୩୨ଟି ବାଘ ଚିହ୍ନଟ ହୋଇଥିଲେ ।

## ସ୍ୱାସ୍ଥ୍ୟ-ସମୀକ୍ଷା ବୈଠକ

ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଉଦ୍ଦେଶ୍ୟରେ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲାର ସମସ୍ତ ସ୍ୱାସ୍ଥ୍ୟ ଅଧିକାରୀ ଯୋଗଦେଇ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମଗୁଡ଼ିକ ସଂପର୍କରେ ଆଲୋଚନା କରିଥିଲେ ।

## ସମୀକ୍ଷା ବୈଠକ

ଦେବଗଡ଼ ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ବୈଠକରେ ଭୂ-ରାଜସ୍ୱ, ଜଳକର, ପଟ୍ଟା ବଣ୍ଟନ ଓ ହାଇଟେକ୍ ସର୍ଭେ ଅଧୀନରେ ସଂଶୋଧନ ମାମଲାଗୁଡ଼ିକ ଉପରେ ଆଲୋଚନା ହୋଇଛି ।

## ପରୀକ୍ଷା

ମାଲକାନଗିରି ଜିଲ୍ଲାର ସମସ୍ତ ସରକାରୀ ଉଚ୍ଚବିଦ୍ୟାଳୟଗୁଡ଼ିକରେ ଆକାଂକ୍ଷାର କାର୍ଯ୍ୟକ୍ରମ ଅଧୀନରେ ପ୍ରି-ବେଶ୍‌ଲାଇନ୍ ପରୀକ୍ଷା ଅନୁଷ୍ଠିତ ହୋଇଛି । ବୋର୍ଡ ପରୀକ୍ଷା ପୂର୍ବରୁ ଛାତ୍ରଛାତ୍ରୀଙ୍କ ଶିକ୍ଷାଗତ ସ୍ତର ଓ ଦୁର୍ବଳତା ମୂଲ୍ୟାୟନ କରି ସେମାନଙ୍କୁ ଆବଶ୍ୟକୀୟ ପ୍ରଶିକ୍ଷଣ ଦେବା ଉଦ୍ଦେଶ୍ୟରେ ଏହି ପରୀକ୍ଷା କରାଯାଇଥିବା ଜଣାପଡ଼ିଛି ।

# ନିଅଣ୍ଟିଆ ବର୍ଷା

ନବରଙ୍ଗପୁର ଜିଲ୍ଲାରେ ଗତକାଲି ସୁଦ୍ଧା ୨୦ ପ୍ରତିଶତ ନିଅଣ୍ଟିଆ ବର୍ଷା ଯୋଗୁଁ ଚାଷକାର୍ଯ୍ୟ ବାଧାପ୍ରାପ୍ତ ହୋଇଥିବା ଜଣାପଡ଼ିଛି । ଜିଲ୍ଲା କୃଷି ବିଭାଗ ସୂଚନା ଅନୁଯାୟୀ ନିଅଣ୍ଟିଆ ବର୍ଷା ଯୋଗୁଁ ମାତ୍ର ୩୨ ପ୍ରତିଶତ ଚାଷକାର୍ଯ୍ୟ ସମ୍ଭବ ହୋଇପାରିଛି । ଜିଲ୍ଲାରେ ୧ ଲକ୍ଷ ୨୩ ହଜାର ହେକ୍ଟରରୁ ଅଧିକ ଜମିରେ ଧାନରୁଆ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ଏପର୍ଯ୍ୟନ୍ତ ମାତ୍ର ୨୪ ହଜାର ୩୮୬ ହେକ୍ଟର ଜମିରେ ରୁଆ କାର୍ଯ୍ୟ ଶେଷ ହୋଇଛି ।

# ପାଣିପାଗ

ଓଡ଼ିଶା –ପଶ୍ଚିମବଙ୍ଗ ଉପକୂଳ ପାଖାପାଖି ଉତ୍ତର–ପଶ୍ଚିମ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି । ଏହାର ପ୍ରଭାବରେ ପୁରୀ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି । ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ୨୦ଟି ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବାରୁ ସତର୍କ ସୂଚନା ଜାରି କରାଯାଇଛି । ଗତ ୨୪ ଘଣ୍ଟା ମଧ୍ୟରେ ପୁରୀରେ ସର୍ବାଧିକ ୧୪୩ ଦଶମିକ ୮ ମିଲିମିଟର ବର୍ଷା ରେକର୍ଡ ହୋଇଛି ।